**ସଂକ୍ଷେପରେ**

## ମଥାନୀ ଛକରେ ଟୋଟୋ ଦୁର୍ଘଟଣାଗ୍ରସ୍ତ, ୩ ଆହତ

ବସ୍ତା, ୩୧।୩(ହରିଶଙ୍କର ପାଢ଼ୀ)

ବସ୍ତା ଥାନା ମଥାନୀ ଛକ ନିକଟରେ ମଙ୍ଗଳବାର ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ରୁପସା ଥାନା ଆଙ୍କୋ ଗ୍ରାମରୁ ଏକ ଟୋଟୋ ଯୋଗେ ୬ଜଣ ଯାତ୍ରୀ ବସ୍ତା ଥାନା ତାପଣ୍ଡା ଗ୍ରାମ ଅଭିମୁଖେ ଯାଉଥିଲେ। ମଥାନୀ ଛକ ନିକଟରେ ଥିବା ଅର୍ଦ୍ଧନିର୍ମିତ ପୋଲ ନିକଟରେ ଟୋଟୋଟି ଭାରସାମ୍ୟ ହରାଇ ନାଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

## ବାଲିଆପାଳ ଥାନା, ବସ୍ତା ଲଘୁ ଖଣିଜ ବିଭାଗ ପକ୍ଷରୁ ଚଢ଼ାଉ ୬ ଟ୍ରାକ୍ଟର ସହ ୨ ଡ୍ରାଇଭର ଅଟକ

ବାଲିଆପାଳ,୩୧।୩(ଗୋପାଳଚନ୍ଦ୍ରସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ତହସିଲ ଅଧୀନ ବାଲି ଓ ମାଟି ଚାଲାଣକାରୀମାନେ ସକ୍ରିୟ ହୋଇପଡିଥିବା ଅଭିଯୋଗ ହୋଇଆସୁଛି। ମଙ୍ଗଳବାର ହାସିମପୁର ଗ୍ରାମରେ ମାଟି ଚୋରା ଚାଲାଣ ହେଉଥିବା ଖବରପାଇ ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ହାସିମପୁର ଗ୍ରାମକୁ ଯାଇ ୨ଟି ମାଟି ବୋଝେଇ ଟ୍ରାକ୍ଟର, ୨ଜଣ ଡ୍ରାଇଭର ଏବଂ ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ଆଗରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ସିଜ୍ କରି ଥାନାରେ ଅଟକ ରଖିଛି। ସେହିପରି ବସ୍ତା କନିଷ୍ଠ ଲଘୁ ଖଣିଜ ବିଭାଗର ଅଧିକାରୀ ସତ୍ୟଚିନ୍ମୟ ଜେନା ଏବଂ ବାଲିଆପାଳ ପୋଲିସ ମିଳିତ ଭାବରେ ଦକ୍ଷିଣ ବାଲିଆପାଳର ବିଭିନ୍ନ ସ୍ଥାନରେ ଚଢାଉ କରି ନାରାୟଣପୁର ଗ୍ରାମରୁ ଗୋଟିଏ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ସହିତ ସୁନାରୁଇ ଗ୍ରାମରୁ ୨ଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରି ଥାନାରେ ଅଟକ ରଖିଥିବା ଜେନା କହିଛନ୍ତି। ଜରିମାନା ନ ଦେଲେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି।

# ଧାନ ବସ୍ତା ରଖି ରାସ୍ତାରେ ବସିଲେ ଚାଷୀ



ବାହାନଗା, ୩୧।୩(ଅରୂପ କୁମାର ଦାସ )

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିତ୍ତଳ ପଞ୍ଚାୟତ ଚିତ୍ତଳ ସେବା ସମବାୟ ସମିତିରେ ଧାନ କିଣାକୁ ନେଇ ମଙ୍ଗଳବାର ସଲ୍ଟ ରୋଡସ୍ଥିତ ପୁରାଡିଆଠାରେ ଧାନ ବସ୍ତା ରଖି ଚାଷୀମାନେ ଧାରଣାରେ ବସିଥିଲେ।

ଚଳିତବର୍ଷ ଖରିଫ ଧାନ ବିକ୍ରି ପାଇଁ ସମିତିର ୯୯୩ଚାଷୀ ଅନଲାଇନରେ ପଞ୍ଜୀକରଣ କରିଥିଲେ। ଅନଲାଇନ ଅନୁଯାୟୀ ୩୦ ହଜାର ୨ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିଲା। ସେଥିରୁ ୨୭ ହଜାର କୁଇଣ୍ଟାଲ ଧାନ ସରକାର କିଣିସାରିଛନ୍ତି। ଅବଶିଷ୍ଟ ୨୫ଶହ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଚାଷୀମାନଙ୍କର ଥିବା ବେଳେ ସେଥିମଧ୍ୟରୁ ପୁନର୍ବାର ପ୍ରଶାସନ ଆଉ ୧ହଜାର କୁଇଣ୍ଟାଲ କିଣିବା ପାଇଁ ଟାର୍ଗେଟ ଦେଇଥିବାରୁ ଅବଶିଷ୍ଟ ୧୫ଶହ କୁଇଣ୍ଟାଲ ଧାନ କିପରି ୩୦ରୁ ୪୦ଜଣ ଚାଷୀ ଧାନ ବିକ୍ରି କରିବେ ତାହାକୁ ବିରୋଧ କରି ମଙ୍ଗଳବାର ଅପରାହ୍ନରେ ସମିତି ଆଗ ସଲ୍ଟ ରୋଡ ଉପରେ ଧାନ ବସ୍ତା ରଖି ଚାଷୀମାନେ ଅବରୋଧ କରିଥିଲେ। ଫଳରେ ବାଲେଶ୍ୱରରୁ ବାସୁଦେବପୁର, ଅନନ୍ତପୁର, ସୋର, ଧାମରାକୁ ଯାଉଥିବା ସମସ୍ତ ଯାନବାହନ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ମଙ୍ଗଳବାର ୩୧ ମାର୍ଚ୍ଚରେ ଖରିଫ ଧାନ କିଣା ଶେଷଦିନ ଥିବାରୁ ଚାଷୀମାନେ ଟୋକନ ପାଇଁ ମଧ ଧାନ ବିକ୍ରି କରିପାରୁନାହାନ୍ତି। ଏନେଇ ଚାଷୀ ପୁଷ୍ପଲତା ସାହୁ, ଆରତୀ ମଲ୍ଲିକ, ବାସନ୍ତୀ ମଲ୍ଲିକ, ମୃତ୍ୟୁଞ୍ଜୟ ଜେନା, ପ୍ରଫୁଲ୍ଲ ନାୟକ, ଅଶୋକ ମଲ୍ଲିକ, ବିରଞ୍ଚି ଜେନା, ହରିଶ୍ଚନ୍ଦ୍ର ନାୟକ, ଝୁନାରାଣୀ ବିଶ୍ୱାଳ, ଦିବାକର ବିଶ୍ୱାଳ ବଳଭଦ୍ର ସାହୁ, ନରହରି ନାୟକ, ଶଙ୍କର୍ଷଣ ମହାନ୍ତି ପ୍ରମୁଖ ଚାଷୀମାନେ ଧାରଣା ଦେଇଥିଲେ।

## ଧାନ ଉଠାଣରେ ବିଳମ୍ବ ନେଇ ଅସନ୍ତୋଷ

ନୀଳଗିରି,୩୧।୩(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକରେ ଏବେ ବିଭିନ୍ନ ସ୍ଥାନରେ ଧାନ କିଣାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଧାନ କିଣାରେ ମାସ ମାସ ଧରି ଚାଷୀ ଧାନ ବିଭିନ୍ନ ସମିତିରେ ରଖିଥିବା ବେଳେ ସରକାର ସେମାନଙ୍କର ଧାନକୁ କ୍ରୟ କରୁ ନ ଥିବାରୁ ମଙ୍ଗଳବାର ଅପରାହ୍ନ ମିତ୍ରପୁର ଛକରେ ଚାଷୀମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଦୀର୍ଘ ୩ ଘଣ୍ଟା ଧରି ରାଜରାସ୍ତା ଅବରୋଧ ହୋଇଯିବାରୁ ଦୁଇ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖରା, ବର୍ଷାରେ ଧାନ ସମିତିରେ ପଡ଼ିଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ବେଳେ ରାସ୍ତାରୋକୋ ଜାରି ରହିଥିଲା।

## ମା' ଶୀତଳାଙ୍କ ସପ୍ତଦିନାତ୍ମକ ପୂଜା ଆରମ୍ଭ

ରେମୁଣା, ୩୧।୩(ରବୀନ୍ଦ୍ର ମହାକୁଡ଼)

ରେମୁଣା ଅଞ୍ଚଳର ମା' ଶୀତଳା ଦେବୀଙ୍କ ସପ୍ତଦିନାତ୍ମକ ସାମ୍ବତ୍ସରିକ ପୂଜା ଉତ୍ସବ ତେନ୍ତୁଳିଦା ପଞ୍ଚାୟତ ସୋନ ନଦୀକୂଳରେ ଅବସ୍ଥିତ ବୋଇତବାଙ୍କ ଗ୍ରାମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୧୯୪୦ରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ଦୀର୍ଘ ୮୬ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଜାରି ରହିଛି। ମା'ଙ୍କ ଆଗମନରେ ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ପ୍ରାତଃରୁ ମା'ଙ୍କ ଆସ୍ଥାନ କାକବରାଇ ଗ୍ରାମରୁ ଏକ ସୁସଜ୍ଜିତ ବିମାନରେ ଅଣାଯାଇ ସକାଳ ସକାଳ ୯ଟାରେ ଗ୍ରାମରେ ପହଞ୍ଚାଯାଇଥିଲା। ଗ୍ରାମ ମୁଣ୍ଡରେ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ସ୍ୱାଗତ କରିବା ସହ ସହ ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଗ୍ରାମବାସୀ ମା'ଙ୍କୁ ବିଭିନ୍ନ ପ୍ରକାର ଓ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ଗ୍ରାମର ମଧ୍ୟ ଭାଗରେ ଥିବା ମଣ୍ଡପରେ ମା'ଙ୍କୁ ସ୍ଥାପନ କରାଯାଇ ଘଟ ଉତ୍ତୋଳନ କରାଯାଇ ନିତ୍ୟାନ୍ତି ପୂଜା ଆରମ୍ଭ ହୋଇଛି। ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ମା'ଙ୍କ ନିକଟରେ ପୂଜା, ଚଣ୍ଡୀ ପାଠ ଓ ହୋମ ଯଜ୍ଞ ଓ ଆରତୀ କରାଯାଉଛି। ସନ୍ଧ୍ୟାରେ ମା'ଙ୍କ ଆରତୀ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା।

# ଓଲଟିଲା ଚିଙ୍ଗୁଡ଼ି ବୋଝେଇ ଗାଡ଼ି



ବାଲେଶ୍ୱର, ୩୧।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଚାନ୍ଦିପୁର ଥାନା ଶ୍ରୀକୋଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଚିଙ୍ଗୁଡି ବୋଝେଇ ଟାଟାଏସିଇ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନୂଆନଈ ନିକଟସ୍ଥ ଏକ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରୁ ଟାଟା ଏସିଇରେ ଚିଙ୍ଗୁଡ଼ି ବୋଝେଇ ହୋଇ ବଳରାମଗଡ଼ି ଯାଉଥିଲା। ଶ୍ରୀକୋଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟିପଡିଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଗାଡ଼ି ଭିତରୁ ବାହାର କରି ଆଣିଥିଲେ। ସେ ସାମାନ୍ୟ ଆହତ ହୋଇଥିଲେ। ହେଲେ ଗାଡ଼ିରେ ଥିବା ଚିଙ୍ଗୁଡ଼ି ରାସ୍ତାରେ ଢାଳି ହୋଇଯାଇଥିଲା। ଏହା ଦେଖି କିଛି ଲୋକେ ଚିଙ୍ଗୁଡ଼ି ବୋହି ନେଇ ଯାଇଥିଲେ। ଆଉ କିଛି ଚିଙ୍ଗୁଡ଼ି ଗାଡ଼ି ଯାତାୟତ ଯୋଗୁ ନଷ୍ଟ ହୋଇଯାଇଥିଲା।

# ଘରଭଙ୍ଗାକୁ ନେଇ ଉତ୍ତେଜନା

ଭୋଗରାଇ, ୩୧।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦାମୋଦରପୁର ଗ୍ରାମରେ ମଙ୍ଗଳବାର ଗଙ୍ଗାରାମ ହେମ୍ବ୍ରମ ନାମକ ଜଣେ ଆଦିବାସୀ ପରିବାରକୁ ଦେୱାନୀ କୋର୍ଟ ଆଦେଶନାମା ବଳରେ ପ୍ରଶାସନଙ୍କ ଉପସ୍ଥିତିରେ ୩୦ରୁ ଉର୍ଦ୍ଧ୍ୱ ଯୁବକ ଆଜବେଷ୍ଟସ ଛପର ଘର ଭାଙ୍ଗିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପରିବାରର ସମସ୍ତ ଆସବାବପତ୍ର, ଖାଦ୍ୟସାମଗ୍ରୀ, ଗଚ୍ଛିତ ଥିବା ଧାନ ବସ୍ତା ଲୁଟ୍ ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି। ଦେୱାନୀ କୋର୍ଟ କମିଶନର ଉପସ୍ଥିତିରେ ପୋଲିସ ନୀରବଦ୍ରଷ୍ଟା ସାଜିଥିବାବେଳେ ଯୁବକମାନେ ଗଙ୍ଗାରାମଙ୍କ ଘର ଭିତରେ ପଶି ତାଙ୍କ ୮୦ବର୍ଷିଆ ବୃଦ୍ଧା ମା'ଙ୍କୁ ଜବରଦସ୍ତ ଘରୁ ଟାଣି ଘୋଷାଡି ବାହାରକୁ ବାହାର କରିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପୁଣି ଜେସିବି ଲଗାଇ ଘର ଭାଙ୍ଗିଥିବାରୁ ଶତାଧିକ ଗ୍ରାମବାସୀ ପ୍ରତିରୋଧ କରିଛନ୍ତି । ଗଙ୍ଗାରାମଙ୍କ ପରିବାର ଓ ଗ୍ରାମବାସୀ ଉତ୍ତେଜିତ ହୋଇ ମିଳିତଭାବେ ପ୍ରଶାସନଙ୍କ କାର୍ଯ୍ୟରେ ବିରୋଧ କରିବାରୁ ସେଠାରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ୨ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ୨ ଘଣ୍ଟା ରାସ୍ତାରେ ବସି ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏବେ ଏହି ପରିବାର ଏବେ ବାସଗୃହ ହରାଇ ଛୁଆପିଲା ଧରି ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଅପରପକ୍ଷରେ ଆଦିବାସୀ ପରିବାର ଘରବାଡ଼ ପାଖରେ ପ୍ରତିପକ୍ଷ କାର୍ତ୍ତିକ ଦାସ ଆଦିବାସୀ ପରିବାର ରହୁଥିବା ଜାଗା ତାଙ୍କର ବୋଲି ଦାବି କରିବା ସହିତ ଦୀର୍ଘବର୍ଷ ଧରି ସେ ଦେୱାନୀ କୋର୍ଟରେ ଆଶ୍ରୟ ନେଇ କୋର୍ଟ ଆଦେଶନାମା ବଳରେ ପ୍ରଶାସନ ଉପସ୍ଥିତିରେ ତାଙ୍କ ଘର ଭଙ୍ଗାଯାଇଛି ବୋଲି ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଆଦିବାସୀଙ୍କ ନିମନ୍ତେ ଘର ଯୋଗାଇଦେବା ସହିତ ଅର୍ଥନୀତି ଓ ସାମାଜିକ ସ୍ଥିତିର ଉନ୍ନତି ହେଉଥିବା ଡିଣ୍ଡିମ ପିଟୁଥିବାବେଳେ ଜଣେ ଗରିବ ଆଦିବାସୀଙ୍କ ପରିବାରକୁ ମାରଧର କରି ଉଚ୍ଛେଦ କରିବା ଡବଲ ଇଞ୍ଜିନ ସରକାରର ଆଦିବାସୀ ମାରଣ ନୀତିର ସଫଳତା ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ତାଙ୍କ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି।

# ଜଳେଶ୍ୱର ପୌରପାଳିକାକୁ 'ଉତ୍କଳ ସମ୍ମିଳନୀ'ର ସ୍ମାରକପତ୍ର

ଜଳେଶ୍ୱର, ୩୧।୩(ନବୀନ ସାହୁ)

ଓଡ଼ିଶା ସରକାରଙ୍କ ଶ୍ରମ ମନ୍ତ୍ରାଳୟର ନିର୍ଦ୍ଦେଶ ସତ୍ତ୍ୱେ ଜଳେଶ୍ୱର ସହରର ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲଗାଯାଉ ନ ଥିବା ଦେଖିବାକୁ ମିଳିଛି। ଏହି ନିୟମ ଉଲ୍ଲଂଘନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ମଙ୍ଗଳବାର ଉତ୍କଳ ସମ୍ମିଳନୀ, ଜଳେଶ୍ୱର ଶାଖା ପକ୍ଷରୁ ଜଳେଶ୍ୱର ପୌରାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଚେତନତା ପାଇଁ 'ଓଡ଼ିଆ ଭାଷା ପକ୍ଷ'ର ଆହ୍ୱାନ ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ 'ଓଡ଼ିଆ ଭାଷା ପକ୍ଷ' ପାଳିତ ହେଉଛି। ଏହି ଅବସରରେ ସହରର ସମସ୍ତ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ନାମ ଫଳକକୁ ବାଧ୍ୟତାମୂଳକ କରିବା ପାଇଁ ସମ୍ମିଳନୀ ପକ୍ଷରୁ ଅନୁରୋଧ କରାଯାଇଛି।



ଜଳେଶ୍ୱର ପୌର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସହରବାସୀଙ୍କ ମଧ୍ୟରେ ଭାଷା ପ୍ରୀତି ଜାଗ୍ରତ କରିବା ସହ ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ପୌର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ଏହି ପ୍ରତିନିଧି ଦଳରେ ସଭାପତି କମଳ ଚକ୍ରବର୍ତ୍ତୀ ଏବଂ ସମ୍ପାଦକ ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ରହି ପୌରାଧିକାରୀଙ୍କ ସହ ଆଲୋଚନା କରିଥିଲେ।

**ଭଦ୍ରକ**

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଧୁଷୁରୀ,୩୧।୩(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ଧୁଷୁରୀ ପଞ୍ଚାୟତସ୍ଥିତ ସୂର୍ଯ୍ୟପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତରାଇ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଧୁଷୁରୀ ମୁରଲୀଧର ହାଇସ୍କୁଲ ପ୍ରଧାନଶିକ୍ଷକ ଅକ୍ଷୟ ହୋତା, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ନାୟକ, ସୁଜାତା ମହାନ୍ତି, ବାସୁଦେବ ସାମଲ, ଅଧ୍ୟାପକ ଶ୍ରୀଧର ସାହୁ, ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ଗୋସ୍ୱାମୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିନ୍ମୟୀ ବାରିକ ପ୍ରମୁଖ ଯୋଗ ଦେଇଥିଷଲ। ଶିକ୍ଷକ ନରେନ୍ଦ୍ର ଗୋସ୍ୱାମୀ ସଂଯୋଜନା କରିଥିଲେ।

## ଟୋକନ ଥାଇ ବି ଧାନ ବିକ୍ରୟରୁ ବଞ୍ଚିତ ଚାଷୀ

ଭଣ୍ଡାରିପୋଖରୀ,୩୧।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଶିରିଡ଼ି ସାଇ ସ୍ୱୟଂସହାୟକ ଗୋଷ୍ଠୀ ମଣ୍ଡିରେ ସରସଦା ଗ୍ରାମର ଚାଷୀ ପରମାନନ୍ଦ ନାୟକ ଟୋକନ ଥାଇ ମଧ୍ୟ ଧାନ ବିକ୍ରୟରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପରମାନନ୍ଦଙ୍କ ଟୋକନ ନଂ.୨୩୧୭୭୬୨ ଅନୁଯାୟୀ ୭୨.୩୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଗତ ଫେବୃଆରୀ ୧୨ରେ ମେସେଜ୍ ଆସିଥିଲା। ମାର୍ଚ୍ଚ ୧୨ ମଧ୍ୟରେ ଧାନ କ୍ରୟ କରାଯିବ ବୋଲି ମଧ୍ୟ ସେଥିରେ ସ୍ପଷ୍ଟ କରାଯାଇଥିଲା। ଟାର୍ଗେଟ ଅଭାବରୁ କ୍ରୟ କରାଯାଇ ପାରି ନ ଥିଲା। ସୋମବାର ଟାର୍ଗେଟ ଆସିବା ପରେ ମଧ୍ୟ ପରମାନନ୍ଦଙ୍କ ଧାନ କ୍ରୟ କରାଯିବ ନାହିଁ ବୋଲି ମଣ୍ଡି ପକ୍ଷରୁ କୁହାଯାଇଥିଲା। ଫଳରେ ପରମାନନ୍ଦ ଜିଲାପାଳଙ୍କୁ ମୋବାଇଲ ଯୋଗେ ଅଭିଯୋଗ ପଠାଇ ଧାନ ବିକ୍ରି ସୁଯୋଗ ଦେବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ଚାଷୀଙ୍କର ପୂର୍ବରୁ ୨ଟି ଟୋକନରେ ଧାନ କ୍ରୟ ସରିଛି। ଏବେ ସମ୍ପୂର୍ଣ୍ଣ ଟାର୍ଗେଟ ଆସି ନ ଥିବାରୁ ତାଙ୍କ ଧାନ କିଣିବାକୁ ମଣ୍ଡି ଅସମର୍ଥ ବୋଲି ଗୋଷ୍ଠୀର ସଭାପତିରୁକ୍ମଣୀ ସ୍ୱାଇଁ କହିଛନ୍ତି।

# ଅଧିକ ଭଡ଼ା ନେଲେ ବସ୍ ପରମିଟ୍ ବାତିଲ

ତିହିଡ଼ି,୩୧।୩(ସଞ୍ଜିତ ବଳ)




ତିହିଡ଼ି ବଜାରରେ ବସ୍‌ରୋକୋ ଆନ୍ଦୋଳନରେ ସାମିଲ ହୋଇଥିବା ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚ କର୍ମକର୍ତ୍ତା।

### ଆନ୍ଦୋଳନ ସ୍ଥଳରେ ଆର୍‌ଟିଓଙ୍କ ଚେତାବନୀ

■ ଅଧିକ ଭଡ଼ା ନିଆଯିବା ପ୍ରତିବାଦରେ ବସ୍‌ରୋକୋ

ସରକାରୀ ଭାବେ ବସ୍‌ରେ ଯାତ୍ରୀଙ୍କ ଭଡ଼ା ଧାର୍ଯ୍ୟ କରାଯାଇଛି। ଏହାଠାରୁ ଅଧିକ ଭଡ଼ା ନେଉଥିବା ବସ୍‌ର ପରମିଟ୍ ବାତିଲ କରାଯିବ। ଏପରିକି ସେହି ବସ୍‌ର କଣ୍ଡକ୍ଟରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ଶୁଭେନ୍ଦୁ ରଞ୍ଜନ ରାୟ ଚେତାବନୀ ଦେଇଛନ୍ତି। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚଳାଚଳ କରୁଥିବା ବସ୍‌ରେ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ନିଆଯିବା ପ୍ରତିବାଦରେ ମଙ୍ଗଳବାର ସକାଳ ସାଢ଼େ ୬ଟା ବେଳେ ତିହିଡ଼ି ବଜାରରେ ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚ ପକ୍ଷରୁ କରାଯାଇଥିବା ବସ୍‌ରୋକୋ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆର୍‌ଟିଓ ରାୟ ଏହି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଏହି ରାଜ୍ୟ ରାଜପଥରେ ଚାଲୁଥିବା ବସ୍‌ରେ ଯାତ୍ରୀମାନଙ୍କଠାରୁ ୨ଗୁଣା ଅଧିକ ଭଡ଼ା ନିଆଯିବା, ଯାତ୍ରୀଙ୍କୁ ଦୁର୍ବ୍ୟବହାର, ବସ୍‌ରେ ରେଟ୍‌ଚାର୍ଟ ଲଗା ନ ଯିବା ସମ୍ପର୍କରେ ଅଭିଯୋଗ କରି ସିପିଏମ୍ ଆଞ୍ଚଳିକ କମିଟି ପକ୍ଷରୁ ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ୨ଥର ଅଭିଯୋଗ କରାଯାଇଥିଲା। ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ୨୦୨୫ ନଭେମ୍ବର ୨୪ରେ ତିହିଡିରେ ବସ୍‌ରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଆନ୍ଦୋଳନର ଗୋଟିଏ ଦିନ ପୂର୍ବରୁ ତିହିଡ଼ି ଥାନା ପରିସରରେ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ଉପସ୍ଥିତିରେ ସିପିଏମ୍ ନେତା ଓ ବସ୍ ସିଣ୍ଡିକେଟ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦଳ ପକ୍ଷରୁ ଉପସ୍ଥାପନା କରାଯାଇଥିବା ବିଭିନ୍ନ ଦାବି ପୂରଣ କରାଯିବ ବୋଲି ସିଣ୍ଡିକେଟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ବସ୍‌ରେ ପୂର୍ବପରି ୨ ଗୁଣା ଅଧିକ ଭଡ଼ା ନିଆଯିବାରୁ ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚ ଏଥିରେ ଅସନ୍ତୋଷ ପ୍ରକାଶ କରି ୩୧ ତାରିଖରେ ବସ୍‌ରୋକୋ କରିବ ବୋଲି ଚେତାବନୀ ଦେଇଥିଲା। ବିଷ୍ଣୁ ଦାଶ, ସତ୍ୟବ୍ରତ କୁଣ୍ଡ, ମଳୟ ଭୋଇ, ନିର୍ମଳ ଦଳେଇ, ଭାଗବତ ସେନାପତି, ମନମୋହନ କୁଣ୍ଡ, କୃଷ୍ଣଚନ୍ଦ୍ର ମଲିକ, ପୁରୁଷୋତ୍ତମ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଆନ୍ଦୋଳନର ଘଣ୍ଟାଏ ପରେ ଆର୍‌ଟିଓ ରାୟ ଆସି ସେଠାରେ ପହଞ୍ଚିଥିଲେ। ଆର୍‌ଟିଓଙ୍କ ସହ ଆଇଆଇସି ଗ୍ରହାଚାର୍ଯ୍ୟ ଉପସ୍ଥିତ ରହି ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବନ୍ତ,୩୧।୩(ହରିନାରାୟଣ ମହାନ୍ତି/ କିଶୋର କୁମାର ସେଠୀ)

ସମାଜରେ ଭଲ ଲୋକଙ୍କର ଆବଶ୍ୟକତା ରହିଛି। ଭଲ ମଣିଷ ଗଠନରେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମଙ୍ଗଳବାର ବନ୍ତ ବ୍ଲକ ପଧାନପଡ଼ା ବନ ବିହାରୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ଜାତୀୟ ପୁରସ୍କାରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ଅଜୟ କୁମାର ପୃଷ୍ଟିଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ କହିଛନ୍ତି। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଶିଷ୍ଟ ଅତିଥି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଡ.ସୁଧାଂଶୁ ଶେଖର ନାୟକ, ମୁଖ୍ୟବକ୍ତା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ.ଅଭୟ ସୂତାର ଯୋଗ ଦେଇଥିଲେ। ସମ୍ବର୍ଦ୍ଧିତ ଅତିଥି ଭାବେ ଅବସରପ୍ରାପ୍ତ ବିଦାୟୀ ପ୍ରଧାନ ଶିକ୍ଷକ ପୃଷ୍ଟି ଏବଂ ପତ୍ନୀ କାଦମ୍ବିନୀ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଡାଏଟ ଆଗରପଡାର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋଛାୟତ, ନିର୍ମଳ ଚନ୍ଦ୍ର ସେଠୀ, ବିଡିଓ ସୀତାକାନ୍ତ ରାଉତ, ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ର, ବେଷ୍ଟ ଇଞ୍ଜିନୟରିଂ କଲେଜର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ଅବସରପ୍ରାପ୍ତ ଅଧ୍ୟାପକ ଡ.ମହେନ୍ଦ୍ର ସାହୁ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ, ସରପଞ୍ଚ ଗଜେନ୍ଦ୍ର ସେଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅନିଲ ନାୟକ, ଶାଳବଣି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ନରହରି ଜେନା ଯୋଗ ଦେଇଥିଲେ। ସ୍ମରଣିକା 'ଆଗ୍ନେୟ ଅଜୟ' ଉନ୍ମୋଚନ ସହ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ନିଖିଳ ଉତ୍କଳ ଗୋଲା ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ

ଭଦ୍ରକ,୩୧।୩(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଲକ୍ଷ୍ମୀନାରାୟଣ ଗୋଲା ମହାସଂଘ ଆନୁକୂଲ୍ୟରେ ସୋମବାର ଇଚ୍ଛାପୁର ନିକଟସ୍ଥ ଭବାନୀବିନ୍ଧା ଗଣେଶ ମଣ୍ଡପଠାରେ ନିଖିଳ ଉତ୍କଳ ଗୋଲା ସମାଜର ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଯଶୋବନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବୋଲଗଡର ଇତିହାସର ରଚୟିତା ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା ଯୋଗଦେଇ କହିଥିଲେ, ଗୋଲା ଏକ କୃଷିଭିତ୍ତିକ ଜାତି। ଚାଷବାସ ହେଉଛି ପ୍ରଧାନ ବୃତ୍ତି। ଧରିତ୍ରୀ ମାଟିର ବକ୍ଷରେ ସୁନାର ଫସଲ ଉତ୍ପନ୍ନ କରେ। ମାଟିକୁ ଶସ୍ୟଶ୍ୟାମଳ କରିବା ସହ ଦେଶକୁ ଖାଦ୍ୟଶସ୍ୟ ଯୋଗାଇଥାଏ। ମୁଖ୍ୟବକ୍ତା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ପୂର୍ବତନ ଚେୟାରମ୍ୟାନ ଉଷତ କର, ବିଶିଷ୍ଟ ଅତିଥି ଏମ୍‌ପିସି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ହରିହର ହାସ, ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲାରୁ ସାମାଜିକ କର୍ମୀ ସ୍ନେହରଞ୍ଜନ ଜୟସିଂହ, ସେବତୀ ପରି, ଗଞ୍ଜାମରୁ ଜୟଦେବ ଜେନା, କଳାହାଣ୍ଡିରୁ ଜିତେନ୍ଦ୍ର କୁମାର ମହାନ୍ତି, ବାଲେଶ୍ୱରରୁ ଅଧ୍ୟାପକ ବିଜୟ ଘୋଷ, ନିରଞ୍ଜନ ଗିରି, ରୂପସା ନୀଳମଣି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବଂଶୀଧର ଦାସ, ପ୍ରକୃତିବନ୍ଧୁ ବଳରାମ ବେହେରା, ଯାଜପୁରରୁ ଡ. ନୃସିଂହ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୨ ମେଧାବୀ ଛାତ୍ରୀ ଭୂମିକା ପ୍ରିୟଦର୍ଶିନୀ, ଦୀପାଂଶୀ ପାଲ, ୨ ସଫଳ ଚାଷୀ ଗଣେଶ ଖାମୁରାଇ ଓ ସରୋଜିନୀ ଖାମୁରାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ଶିବ ଚରଣ ଖାମୁରାଇ ସଭା ସଞ୍ଚାଳନ କରିଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ଖାମୁରାଇ ଧନ୍ୟବାଦ ଦେଇଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଧାମନଗର

ଧାମନଗର,୩୧।୩ (ଦେବେନ୍ଦ୍ର ଆଦିଆ/ ଦୀନକୃଷ୍ଣ ମହାପାତ୍ର/ସନ୍ତୋଷ କୁମାର ମହାପାତ୍ର)

ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଅବସରରେ ଧାମନଗରଠାରେ ସୋମବାର ସନ୍ଧ୍ୟାରେ ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ବାହାରିଥିବା ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜୟ ଶ୍ରୀରାମ ଧ୍ୱନିରେ ଧାମନଗର ପ୍ରକମ୍ପିତ ହୋଇଥିଲା। ଧାମନଗରସ୍ଥିତ ମେଳଣ ପଡ଼ିଆଠାରେ ଚାଲିଥିବା ତ୍ରିଦିବସୀୟ ଶ୍ରୀରାମ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଭାଗନେବା ସହ ରାବଣ ପୋଡ଼ି ଉତ୍ସବରେ ଅଗ୍ନି ସଂଯୋଗ କରିଥିଲେ। ଚଳିତବର୍ଷ ୨୩ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା।

### ନଗର ସଙ୍କୀର୍ତ୍ତନରେ ଲକ୍ଷାଧିକ ଶ୍ରଦ୍ଧାଳୁ



ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ, ମହିଳା ସଙ୍କୀର୍ତ୍ତନ, ଡିଜେ, ସିଂହ ବାଜା ବିଭିନ୍ନ ପାରମ୍ପରିକ ନୃତ୍ୟ ଆକର୍ଷଣ ସାଜିଥିଲା। ସଂସ୍କୃତି ମନ୍ତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ କୁମାର ରାଉତ ଉପସ୍ଥିତ ରହି ତଦାରଖ କରିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଅଂଶୁମାନ ଦ୍ୱିବେଦୀ, ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ବିଡିଓ ବନବିହାରୀ ଦିଣ୍ଡା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନାଧିକାରୀ ଶୁଭ୍ରଜିତ ଦାଶ ଉପସ୍ଥିତ ଥିଲେ। ରାପିଡ୍ ଆକ୍ସନ ଫୋର୍ସ, ସିଆରପିଏଫ୍ ଯବାନଙ୍କ ସହ ୧୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ବ୍ଲକ ପ୍ରତିନିଧି ଅଶୋକ ପୁରାଣ, ସରୋଜ ମହାପାତ୍ର, ମନୋଜ ମଲିକ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ତୁନିବାଳା ବିଶ୍ୱାଳ, ପ୍ରଦୀପ ମଲିକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଏମ୍‌ଡି ନୁରାନି ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ଓ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରିଥିଲେ।

## ସଂକ୍ଷେପରେ

### ନଦୀରେ ଭାସିଯାଇ ଯୁବକ ମୃତ

ବଞ୍ଚୋ, ୩୧।୩(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ବଞ୍ଚୋ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର କୋଦଣ୍ଡ ସେଠୀଙ୍କ ପୁଅ ଚିନ୍ମୟ(୧୯) ଅସାବଧାନତାରୁ ଗୋଡ଼ ଖସିଯିବାରୁ ବୈତରଣୀ ନଦୀରେ ଭାସିଯାଇଥିଲେ। ଖୋଜାଖୋଜି ପରେ ବାରେଶ୍ୱର ଘାଟ ନିକଟରୁ ତାଙ୍କର ମୃତଦେହ ଜବତ କରାଯାଇଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କ ଆତ୍ମହତ୍ୟା

ପାଟଣା,୩୧।୩(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଖୁଣ୍ଟାପଡ଼ା ଗାଁ ଜଙ୍ଗଲରେ ମଙ୍ଗଳବାର ପୂର୍ବାହ୍ନରେ ଦାମ୍ପତ୍ୟ କଳହରୁ ଜଣେ ମହିଳା ଏକ ନିମ୍ବ ଗଛରେ ଲୁଗାରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ଉକ୍ତ ଗାଁର ରାଜ କିଶୋର ମୁଣ୍ଡାଙ୍କ ସ୍ତ୍ରୀ ଗୋଲାପ(୨୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବୁଧବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ହେବ ବୋଲି ପାଟଣା ଥାନା ଅଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୧/୨୬) ରୁଜୁ ହୋଇଛି।

### ଯୋଡ଼ା ଖଣି ମଣ୍ଡଳରୁ ୨୦ ହଜାର ୭୦୦ କୋଟି ଖଣି ରାଜସ୍ୱ ଆଦାୟ

ଯୋଡ଼ା,୩୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ରାଜସ୍ୱ ଆଦାୟରେ ରେକର୍ଡ ସୃଷ୍ଟି କରିଛି। ରାଜ୍ୟ ରାଜକୋଷକୁ ଅଧିକ ସମୃଦ୍ଧି କରିବାରେ ଯୋଡ଼ାର ଖଣି ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାର୍ଚ୍ଚ ୩୧ ତାରିଖ ସନ୍ଧ୍ୟା ସୁଦ୍ଧା ଯୋଡ଼ା ଖଣି ମଣ୍ଡଳରୁ ୨୦ ହଜାର ୭୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଗତ ଆର୍ଥିକ ବର୍ଷରେ ଯୋଡ଼ା ଖଣି ମଣ୍ଡଳରୁ ୧୮ ହଜାର ୯୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ଓଡ଼ିଶା ସରକାର ଚଳିତ ବର୍ଷ ଯୋଡ଼ା ଖଣି ମଣ୍ଡଳରୁ ୨୨ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ।

# ଗୋଟିଏ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀର ପାଠପଢ଼ା

## ୯୦ ବିଦ୍ୟାଳୟରେ ଅବ୍ୟବସ୍ଥା

କେନ୍ଦୁଝର, ୩୧।୩(ଦୀପକ ମିଶ୍ର)

ବିଦ୍ୟାଳୟରେ ପାଠପଢ଼ା ପାଇଁ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅନେକ ବିଦ୍ୟାଳୟରେ କେଉଁଠି ଶ୍ରେଣୀଗୃହ ନାହିଁ ତ, ଆଉ କେଉଁଠି ଖେଳପଡ଼ିଆ ଓ ଶୌଚାଳୟ ନାହିଁ। କେନ୍ଦୁଝର ଜିଲାରେ ଏଭଳି ୯୦ଟି ବିଦ୍ୟାଳୟରେ ଗୋଟିଏ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀର ପାଠପଢ଼ା ଚାଲିଛି। ଏପରିକି ବିଦ୍ୟାଳୟ ଅଛି, ଯେଉଁଠି ଗୋଟିଏ ବି ଶ୍ରେଣୀଗୃହ ନାହିଁ। ବରଂ ଛାତ୍ରୀଛାତ୍ର ଗାଁର କୋଠଘର ବାରଣ୍ଡାରେ ଛାତ୍ରୀଛାତ୍ର ବସି ପାଠ ପଢୁଛନ୍ତି।

ସୂଚନା ଅନୁଯାୟୀ, ଜିଲାରେ ମୋଟ ୧୫୧୨ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ୭୪୭ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସେହିପରି ଏଠାରେ ମୋଟ ୨୨୨ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଜିଲାରେ ମୋଟ ୨୪୮୧ଟି ସରକାରୀ ବିଦ୍ୟାଳୟ ଅଛି। ସେଥିମଧ୍ୟରୁ ମୋଟ ୯୦ଟି ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଭିତରେ ଗୋଟିଏ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସୂଚନା ଅନୁଯାୟୀ, ଆନନ୍ଦପୁର ବ୍ଲକରେ ମୋଟ ୧୬ଟି ଏବଂ ବାଂଶପାଳ ବ୍ଲକରେ ୮ଟି ବିଦ୍ୟାଳୟରେ ଗୋଟିଏ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ସେହିପରି ଚମ୍ପୁଆ ବ୍ଲକରେ ଗୋଟିଏ, ଘଷିପୁରାରେ ୧୧, ଘଟଗାଁରେ ୩, ହରିଚନ୍ଦନପୁରରେ ୮, ହାଟଡିହୀରେ ୧୧, ଝୁମ୍ପୁରାରେ ୪, ଯୋଡ଼ାରେ ୩, କେନ୍ଦୁଝର ସଦର ବ୍ଲକରେ ୬, ପାଟଣାରେ ୪, ସାହରପଡ଼ାରେ ୭ ଏବଂ ତେଲକୋଇ ବ୍ଲକରେ ୮ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀର ପିଲା ପାଠ ପଢୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ପ୍ରତ୍ୟେକ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ କେଉଁ କେଉଁ ସ୍କୁଲରେ ଏହି ଅସୁବିଧା ରହିଛି, ତାହାର ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିଲା ପରେ ସମାଧାନ ଦିଗରେ ପଦକ୍ଷେପ ନିଆଯିବ।

# ଜିଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା

କେନ୍ଦୁଝର, ୩୧।୩

(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ପଦଯାତ୍ରାରେ ସାମିଲ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର।

କେନ୍ଦୁଝର ସହର ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଦଯାତ୍ରାକୁ ଅତିରିକ୍ତ ଜଲାପାଳ ମନ୍ଦରଧର ମହାଲିକ, ଏମ୍‌ପି ପ୍ରତିନିଧି ଦିଲୀପ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସଚେତନତା ରଥ ସହ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କୁ ନେଇ ପଦଯାତ୍ରା ସହର ପରିକ୍ରମା କରିଥିଲା।

ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ, ସତ୍ୟନାରାୟଣ ମହାନ୍ତ, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ଜିଲା ଯୋଜନା ସଂଯୋଜକ ଅପର୍ଣ୍ଣା ତ୍ରିପାଠୀ, ଜିଲା ବାଳିକା ସଂଯୋଜକ ଅନୁପମା ରାଉତ, କେନ୍ଦୁଝର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ କୁମାର ମିଶ୍ର, କପିଳ ଚନ୍ଦ୍ର ଦାଶ, ସିଆରସିସି ରବୀନ୍ଦ୍ର କୁମାର ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ପୁଣି ଥରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେମାନେ ନିବେଦନ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଜିଲାରେ ୧୦,୪୦୫ ଜଣ ଛାତ୍ରୀଛାତ୍ରୀ ବିଦ୍ୟାଳୟ ବାହାରେ ଥିବାବେଳେ ଶିକ୍ଷା ବିଭାଗ ପ୍ରୟାସରେ ବର୍ତ୍ତମାନ ସୁଦ୍ଧା ୪୧୨୨ ଜଣ ପୁଣିଥରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଶିକ୍ଷାର ମୁଖ୍ୟସ୍ରୋତକୁ ଫେରିଥିବା ଛାତ୍ରୀଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଅନୁସୂଚିତ ଜନଜାତି ସଂଯୋଜକ ଦୁର୍ଗାପ୍ରସନ୍ନ ଲାୟକ, ସମଗ୍ର ଶିକ୍ଷା ପ୍ରୋଗ୍ରାମର ରଶ୍ମିରଞ୍ଜନ ସାହୁ, ଏନ୍‌ଏସ୍ ପୋଲିସ ହାଇସ୍କୁଲର ଏନ୍‌ସିସି ଅଫିସର ବିଜୟ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### କେନାଲରେ ବୁଡ଼ି ବୃଦ୍ଧ ମୃତ

ଯୋଡ଼ା,୩୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଭାଗଲପୁରଠାରେ ଜଣେ ବୃଦ୍ଧ ନିଜ ଚାଷ କାର୍ଯ୍ୟ ଦେଖୁଥିବା ବେଳେ କେନାଲରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ରୟା ମୁଣ୍ଡା (୭୫)। ମଙ୍ଗଳବାର ସନ୍ଧ୍ୟାରେ ଚାଷ କାର୍ଯ୍ୟ ଦେଖିବା ପାଇଁ ସେ ବିଲକୁ ଯାଇଥିଲେ। ତେବେ ବିଲ ନିକଟରେ କେନାଲ ଥିବାରୁ ସେଠାରେ କୌଣସି କାରଣରୁ ପଡ଼ି ବୁଡ଼ି ଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରାକେଶ ମହାରଣା ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି


ଜନଶୁଣାଣୀରେ ଉପସ୍ଥିତ ଅଧିକାରୀମାନେ।

ବଉଳା, ୩୧।୩(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଛି। ବିଡିଓ ରଞ୍ଜନ କୁମାର ପରିଡ଼ା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଏବିଡିଓ ରଶ୍ମିରେଖା ନାଇକ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଏପିଇଓ ଭୈରବ ଚନ୍ଦ୍ର ତ୍ରିପାଠୀ, ସାମାଜିକ ସମୀକ୍ଷକ ବିଜୟ କୁମାର ସେଠୀ ଉପସ୍ଥିତ ଥିଲେ। ଏମ୍‌ଜିଏନଆରଇଜିଏସ୍ ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ନୀତିନିୟମ ଅନୁଯାୟୀ ଫଟୋ ଓ ଅନ୍ୟାନ୍ୟ କାଗଜପତ୍ର ସମ୍ପୂର୍ଣ୍ଣ କରାଯାଉ ନ ଥିବା କୁହାଯାଇଥିବା ବେଳେ କିଭଳି ଶ୍ରମିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଶ୍ରମିକ କାର୍ଯ୍ୟ କରିବା ପାଇଁ ଶ୍ରମିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ହୋଇଥିଲା। ବ୍ଲକରେ ମୋଟ ୪୦୧୪୫ଜଣ ଜବ୍‌କାର୍ଡଧାରୀ ଥିବାବେଳେ ସେଥିମଧ୍ୟରୁ ୨୩ହଜାର ୩୬୫ଜଣ ଜବକାର୍ଡ ସକ୍ରିୟ ରହିଛି। ସେହି ଜବ୍‌କାର୍ଡରେ ୩୧୪୪୨ ଶ୍ରମିକ କାର୍ଯ୍ୟ କରୁଛନ୍ତି। ୧୫୧ଜଣ ଜବକାର୍ଡଧାରୀ ୧୦୦ ଦିନ କାର୍ଯ୍ୟ କରିଛନ୍ତି। ୩୭୬୬ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୨୫୩୪ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ୫୬୨ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଛି। ସେହିପରି ଶିକ୍ଷା ବିଭାଗର ବହୁ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ, ଶୌଚାଳୟ, ପିଇବା ପାଣି ସମସ୍ୟା, ଶିକ୍ଷକ ଅଭାବ ଆଦି ଅଭିଯୋଗ ହୋଇଥିଲା। କିଛି ବିଦ୍ୟାଳୟରେ ଶ୍ରେଣୀଗୃହ ଅସୁରକ୍ଷିତ ହୋଇପଡିଥିବାରୁ ସେଗୁଡ଼ିକୁ ଶୀଘ୍ର ମରାମତି କରିବାକୁ ଦାବି ହୋଇଥିଲା। ଏହି ସମୟରେ ବ୍ଲକର ପିଇଓ, ଏଡିଇଓ, ଭିଆରପି, ସ୍ୱେଚ୍ଛାସେବୀ ସଙ୍ଗଠନ ଉପସ୍ଥିତ ରହିଥିବା ବେଳେ ମାନସୀ ନାୟକ, ସବିତାରାଣୀ ଆୟଚ ଓ ଶୁଭଶ୍ରୀ ରାଉତ ସହଯୋଗ କରିଥିଲେ।

# ଚମ୍ପୁଆ ବ୍ଲକ୍ ପଡୁଆ ପଞ୍ଚାୟତ ରାଜ୍ୟରେ ପ୍ରଥମ

## ଆତ୍ମନିର୍ଭର ଜଳ ଯୋଗାଣ ପଞ୍ଚାୟତ

ଚମ୍ପୁଆ,୩୧।୩(ମହେଶ୍ୱର ଦାସ)

କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଅର୍ଥନୈତିକ ଉପଦେଷ୍ଟାଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାର ୫ଟି ପଞ୍ଚାୟତକୁ ୨୦୨୫ ଆର୍ଥିକ ବର୍ଷ ପାଇଁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେଥିମଧ୍ୟରୁ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତ ଆତ୍ମନିର୍ଭରଶୀଳ ଜଳ ଯୋଗାଣ ପଞ୍ଚାୟତ ଭାବେ ୧ମ ସ୍ଥାନ ଅଧିକାର କରିଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ସଚିବ ଗିରିଶ ଏସ୍.ଏନ୍, ବିଡିଓଙ୍କ ମାଧ୍ୟମରେ ପୁରସ୍କୃତ ହେବାକୁ ଥିବା ସମସ୍ତ ପଞ୍ଚାୟତକୁ ସୂଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସ୍ମରଣଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ଏକ କେନ୍ଦ୍ରୀୟ ଟିମ୍ ପଡୁଆ ପଞ୍ଚାୟତ ପରିଦର୍ଶନ କରି ହରଘର୍ ଜଳ ମିଶନ ଯୋଜନାରେ ସମସ୍ତ ଘରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଛାତ ଉପରେ ବର୍ଷା ଜଳ ସଂରକ୍ଷଣ, ପ୍ରତ୍ୟେକ ଘରେ ଓ ନଳକୂପ କଡରେ ସକ ପିଟ୍ ଓ ରିଚାର୍ଜ ପିଟ୍, ବାଲିପୋଶି ଗାଁରେ ସୋଲାର ପ୍ୟାନେଲ ମାଧ୍ୟମରେ ସ୍ୱଜଳ ଧାରା ପ୍ରକଳ୍ପ ପଡୁଆ ଗ୍ରାମ୍ୟ ଜଙ୍ଗଲରେ ଜଳ ସଂରକ୍ଷଣ ପାଇଁ ଟ୍ରେଞ୍ଚ ଓ ବନ୍ଧ ନିର୍ମାଣ ଏବଂ ବର୍ଷା ଜଳ ସଂରକ୍ଷଣ ପାଇଁ ଗ୍ରାମ୍ୟ ପୁଷ୍କରିଣୀର ପୁନରୁଦ୍ଧାର ଆଦି ୧୧ଟି ସୂଚକାଙ୍କ ଉପରେ କେନ୍ଦ୍ରୀୟ ଟିମ୍ ତର୍ଜମା କରି ରିପୋର୍ଟ ପ୍ରଦାନ କଲାପରେ କେନ୍ଦ୍ର ସରକାର ପଡୁଆ ପଞ୍ଚାୟତକୁ ଜିଲାର ଏକମାତ୍ର ପଞ୍ଚାୟତ ଭାବେ ମନୋନୀତ କରିଥିଲେ। ଯାହାକି କେନ୍ଦୁଝର ଜିଲା ପାଇଁ ଏକ ବଡ଼ ସଫଳତା। ଏହି ଖବର ପ୍ରସାରିତ ହେବା ପରେ ପଡୁଆ ପଞ୍ଚାୟତବାସୀଙ୍କ ସହ ବ୍ଲକ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।



### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୃଦ୍ଧା ମୃତ

**୩ ବର୍ଷ ହେବ ପଡ଼ି ରହିଥିଲା ବିଦ୍ୟୁତ୍ ତାର**

ଉଦଳା,୩୧।୩(ସନ୍ତୋଷ କୁମାର ବାଛିନୀ)

ବକେୟା ବିଦ୍ୟୁତ୍ ବିଲ୍ ଅଧିକ ହେବାରୁ ଆଜକୁ ୩ ବର୍ଷ ପୂର୍ବରୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିଲା। ୩ ବର୍ଷ ପୂର୍ବରୁ ଘରକୁ ଯାଇଥିବା ବିଦ୍ୟୁତ୍ ତାରକୁ କାଟି ଘର ବାଡ଼ିରେ ପକାଇ ଦିଆଯାଇଥିଲା। ହେଲେ ମଙ୍ଗଳବାର ସେହି ବିଦ୍ୟୁତ୍ ତାର ନେଇଛି ବୃଦ୍ଧାଙ୍କ ଜୀବନ। ଏଭଳି ଘଟଣା ଘଟିଛି ଉଦଳା ଥାନା କୁଟଲିଂ ଗ୍ରାମରେ। ଗ୍ରାମର ମୁନି ବାସ୍କେ ଅପରାହ୍ନରେ ଗାଧୋଇସାରି ଘରକୁ ଆସିଥିଲେ। ଘର ଅଗଣାରେ ଶାଢ଼ି ଶୁଖାଇବା ପରେ ପଡ଼ି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### 'ବଢ଼ତେ କଦମ୍' ସଚେତନତା ଶିବିର

ବାରିପଦା,୩୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ରଘୁନାଥପୁରସ୍ଥିତ ରୋଜ୍ ଅନୁଷ୍ଠାନ ତରଫରୁ ନ୍ୟାସନାଲ ଟ୍ରଷ୍ଟ ଅଧିନିୟମ ୧୯୯୯ 'ବଢତେ କଦମ' ମାଧ୍ୟମରେ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷ ମାନଙ୍କର ସମାନ ସୁବିଧା ସୁଯୋଗ ସକ୍ରିୟ ଅଂଶଗ୍ରହଣ କରିବା ନିମନ୍ତେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ସ୍ଥାନୀୟ ହରିହର ମନ୍ଦିର ନିକଟରୁ ବାହାରି ରୋଜ ଅନୁଷ୍ଠାନ ପର୍ଯ୍ୟନ୍ତ ଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ନରୋତ୍ତମ ପାଣିଗ୍ରାହୀ ଓ ସାମାଜିକ କର୍ମୀ ସୁଶ୍ରୀ ହେମାଙ୍ଗିନୀ ରାଉତ ଯୋଗଦେଇଥିଲେ। 'ରୋଜ'ର ସମ୍ପାଦକ ଚନ୍ଦନ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ଅଧ୍ୟକ୍ଷ ସପନ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ମନୋରଞ୍ଜନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଲାମ ହେଲା ଡିମଗଡ଼ିଆ ସାପ୍ତାହିକ ହାଟ

ଉଦଳା,୩୧।୩(ସନ୍ତୋଷ କୁମାର ବାଛିନୀ)


ନିଲାମ ପ୍ରକ୍ରିୟାରେ ସାମିଲ ପଞ୍ଚାୟତ କର୍ତ୍ତୃପକ୍ଷ।

ଉଦଳା ବ୍ଲକ୍ କୋଚିଲାଡିହା ପଞ୍ଚାୟତର ଡିମଗଡ଼ିଆ ସାପ୍ତାହିକ ହାଟ ମଙ୍ଗଳବାର ଲକ୍ଷେ ଟଙ୍କାରେ ନିଲାମ ହୋଇଛି। ଏହି ନିଲାମରୁ ମିଳିଥିବା ଟଙ୍କା ପଞ୍ଚାୟତ ଫଣ୍ଡରେ ମହଜୁଦ ରହିବା ସହ ପଞ୍ଚାୟତର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ଖର୍ଚ୍ଚ ହେବାର ପ୍ରବଧାନ ରହିଛି। ମଙ୍ଗଳବାର କୋଚିଲାଡିହା ସରପଞ୍ଚ ସାରମଣୀ ହେମ୍ବ୍ରମ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ ସିଂ ଉପସ୍ଥିତ ରହି ଏହି ନିଲାମ ପ୍ରକ୍ରିୟାକୁ ତାରାନ୍ୱିତ କରିଥିଲେ। ପଞ୍ଚାୟତରେ ଥିବା ସରକାରୀ ପୋଖରୀ, ସରକାରୀ ବନ୍ଧ ଏବଂ ସାପ୍ତାହିକ ହାଟ୍‌ର ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ତେବେ ପ୍ରତି ବର୍ଷ ଅପେକ୍ଷା ଉଦଳା ବ୍ଲକ୍‌ରେ କୋଚିଲାଡିହା ସାପ୍ତାହିକ ହାଟ ନିଲାମୀରେ ସବୁଠୁ ସର୍ବାଧିକ ଏକ ଲକ୍ଷ ଟଙ୍କାରେ ସଞ୍ଜୟ ମଢେଇ ହାଟ ନିଲାମକୁ ନେଇଛନ୍ତି।

ସୂଚନା ଅନୁଯାୟୀ, କୋଚିଲାଡିହା ସାପ୍ତାହିକ ହାଟ ଆଜିକୁ ପ୍ରାୟ ୩୦ ବର୍ଷ ଧରି ନିଲାମ ଡାକରା ହେଉଛି। ଏହି ନିଲାମ ପ୍ରକ୍ରିୟାରେ ପଞ୍ଚାୟତର ହିସାବ ରକ୍ଷକ ଶୁଭେନ୍ଦୁ ବାରିକ, ପଞ୍ଚାୟତର ଯୋଗାଣ ସହାୟକ ଅକ୍ଷୟ କୁମାର ବେହେରା ଏବଂ ପଞ୍ଚାୟତର ୱାର୍ଡ ମେମ୍ବରଙ୍କ ସହ ସାଧାରଣ ଜନତା ଉପସ୍ଥିତ ଥିଲେ।

# ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ, ଦମ୍ପତି ଗିରଫ

ଉଦଳା,୩୧।୩(ସନ୍ତୋଷ କୁମାର ବାଛିନୀ)

ବାଲେଶ୍ୱର ଜିଲା ରେମୁଣା ଥାନା ପୋଲିସ ଉଦଳା ଥାନା ଦୁଗୁଧା ଗ୍ରାମରୁ ଠକେଇ ଅଭିଯୋଗରେ ଏକ ଦମ୍ପତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ହେଲେ ଦୁଗୁଧା ଗ୍ରାମର ଅଶ୍ୱିନୀ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ସତ୍ୟଭାମା। ସେମାନେ ରେମୁଣା ଅଞ୍ଚଳରେ ଏକ ସରକାରୀ ଜାଗାକୁ ଦଖଲ କରି ଦୀର୍ଘ ବର୍ଷ ହେଲା ସେଠାରେ ଘର କରି ରହିବା ସହ ଉକ୍ତ ଅଞ୍ଚଳରେ ଠକେଇ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗ ହୋଇଥିଲା। ବିଭିନ୍ନ ଫାଇନାନ୍ସ କମ୍ପାନୀ ପକ୍ଷରୁ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଦିଆଯାଉଥିବା ଋଣ କାରବାରରେ ମଧ୍ୟସ୍ଥି ସାଜିଥିଲେ। ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ମହିଳାମାନଙ୍କୁ ଋଣ କରାଇ ଦେବାକୁ କହି ସେମାନଙ୍କ ନିକଟରୁ ଟଙ୍କା ନେଉଥିଲେ ଏବଂ ସମୟ କ୍ରମେ ତାହାକୁ ଫେରସ୍ତ କରୁଥିଲେ। ହେଲେ ଅଳ୍ପ ଟଙ୍କା ନେଇ ଫେରାଇବା ପରେ ଅଧିକ ଟଙ୍କା ମହିଳାଙ୍କ ନିକଟରୁ ନେଉଥିଲେ। ବିଶେଷକରି ବାଲେଶ୍ୱର ଜିଲାର ଅଚ୍ୟୁତପୁର, ଶ୍ରୀକୃଷ୍ଣପୁର ଏବଂ ଜାମୁଗଞ୍ଜ ଅଞ୍ଚଳର ମହିଳାମାନଙ୍କ ନିକଟରୁ ଋଣ କରାଇ ଦେବା ଆଳରେ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଠକି ନେଇ ଫେରାର ହୋଇଯାଇଥିଲେ। ଯାହାକୁ ନେଇ ପୂର୍ବରୁ ଠକାମୀର ଶିକାର ହୋଇଥିବା ମହିଳାମାନେ ରେମୁଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଉକ୍ତ ଦମ୍ପତି ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ଫେରାର ରହିଥିବା ବେଳେ ମଙ୍ଗଳବାର ଉଦଳା ଥାନା ଦୁଗୁଧା ସ୍ଥିତ ନିଜ ଘରେ ଥିବା ଜାଣିପାରି ଠକାମୀର ଶିକାର ମହିଳାମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଜଗି ରହିବା ସହ ରେମୁଣା ପୋଲିସକୁ ଖବର ଦେଇଥିଲେ। ରେମୁଣା ପୋଲିସ ଦୁଗୁଧା ଗ୍ରାମରେ ପହଞ୍ଚି ଉଭୟଙ୍କୁ ଗିରଫ କରିଥିଲା। ତେବେ ଏହି ଠକାମୀ ଘଟଣାକୁ ଉକ୍ତ ଦମ୍ପତି ମିଥ୍ୟା ଅଭିଯୋଗ ବୋଲି କହିଛନ୍ତି।

# ଜନଗଣନା ନିଯୁକ୍ତିରେ ଅନିୟମିତତା

## ଶିକ୍ଷକ ସଂଘର ଅସନ୍ତୋଷ

ବାରିପଦା,୩୧।୩

(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୨୦୨୭ ଜନ ଗଣନା କାର୍ଯ୍ୟରେ ସୁପରଭାଇଜର ଓ ଗଣନା ଅଧିକାରୀ ନିଯୁକ୍ତି ପାଇଁ ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ପ୍ରକାଶିତ ତାଲିକାରେ ବ୍ୟାପକ ଅନିୟମିତତା ଦେଖାଯାଇଛି ।

ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶାବଳୀ ପ୍ରକାଶିତ ହୋଇଥିବା ବେଳେ ଏହାକୁ ଅଣଦେଖା କରାଯାଇଛି। ପ୍ରାଥମିକ ଶିକ୍ଷକ ଓ ଦୁଇ ତିନି ବର୍ଷ ହାଇସ୍କୁଲରେ ଶିକ୍ଷକତା କରିଥିବା ବ୍ୟକ୍ତିଙ୍କୁ ସୁପର ଭାଇଜର ଭାବରେ ନିଯୁକ୍ତି ମିଳିଥିବା ବେଳେ ୨୦୦୬ରୁ ନିଯୁକ୍ତି ପାଇ ୨୦ ବର୍ଷର ଅଭିଜ୍ଞତା ଥିବା ଶିକ୍ଷକମାନଙ୍କୁ ଏନୁ ମେରେଟର ଭାବରେ ନିଯୁକ୍ତି ମିଳିଛି। ଏ ବାବଦରେ ମୟୂରଭଞ୍ଜ ଓଷ୍ଟା ପକ୍ଷରୁ ସଭାପତି ଚିତ୍ତରଞ୍ଜନ ପଳତା ଓ ବ୍ଲକ୍ ସମ୍ପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ବରିଷ୍ଠମାନେ କୌଣସି ପରିସ୍ଥିତିରେ କନିଷ୍ଠମାନଙ୍କ ଅଧୀନରେ କାମ କରିବା ଶୋଭନୀୟ ନୁହେଁ ବୋଲି ସେ ଅନୁଭବ କରିଥିଲେ। ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଏ ବାବଦରେ ବିହିତ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀ ତରଫରୁ ଅତିରିକ୍ତ ଜିଲାପାଳଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି।

### ଶିଶୁ କନ୍ୟାଙ୍କ ସନ୍ଦେହଜନକ ମୃତ୍ୟୁ

ଝାରପୋଖରିଆ,୩୧।୩ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ପୋଖରିଆ ଗ୍ରାମପଞ୍ଚାୟତ ଧାଲଙ୍ଗସାହି ଗ୍ରାମର ରାମ ମାଝୀଙ୍କ ୫ବର୍ଷ ଶିଶୁ କନ୍ୟାଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମା' ବାପା ଡାକ୍ତରଖାନା ଯାଇଥିବା ଓ ଜେଜେମା ଛେଳି ଚରାଇବାକୁ ଯାଇଥିବାବେଳେ କୁନି ଝିଅଟି ଗାମୁଛାରେ ଦୋଳି କରି ଖେଳୁଥିବା ସମୟରେ ଝୁଲି ପଡ଼ିଥିଲା। ପରେ ପରିବାର ଲୋକେ ତାକୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ନିଖୋଜ ନାବାଳିକାଙ୍କ ପତ୍ତା ମିଳୁନି

ଗୋପବନ୍ଧୁ ନଗର, ୩୧।୩

(ଶାନ୍ତନୁ କୁମାର ମଢୁଆଳ)

ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ସୋମବାର ରାତିରେ ନିଖୋଜ ହୋଇଥିବା ନେଇ କୁଆମରା ଫାଣ୍ଡିରେ ତାଙ୍କ ବାପା ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ମାଟ୍ରିକ ପରୀକ୍ଷା ଦେଇ ସାରିବା ପରେ ନିଜ ଘରେ ରହିଥିଲେ। ତେବେ ମଙ୍ଗଳବାର ସକାଳେ ପରିବାର ଲୋକେ ତାଙ୍କୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨୨୧ ଅଭିଯୋଗର ହେଲା ଶୁଣାଣି

ଝାରପୋଖରିଆ, ୩୧।୩

(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ପାକଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଜିଲା ପରିଷଦ ଉନ୍ନୟନ ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ସାରସକଣା ବିଧାୟକ ଭାଦବ ହାଁସଦା, ତହସିଲଦାର ମନୋଜ କୁମାର କାର୍ଜୀ, ଜିଲା ଜଳସେଚନ ବିଭାଗ ଅଧିକାରୀ ଲଲାଟେନ୍ଦୁ ସି, ବ୍ଲକ ଅଧ୍ୟକ୍ଷା ତୁଳସୀ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୨୨୧ଟି ଅଭିଯୋଗ ଦାଖଲ ହୋଇଥିବାବେଳେ ସେଥିମଧ୍ୟରୁ ୨୧୩ ଗୋଟି ବ୍ୟକ୍ତିଗତ ମାମଲା ଓ ୮ ଗୋଟି ବିଭିନ୍ନ ଗ୍ରାମୀଣ ସାମୁହିକ ଅଭିଯୋଗ ହୋଇଥିଲା। ଶିବିରରେ ଜିଲା ରେଡକ୍ରସ ବିଭାଗ ପକ୍ଷରୁ ଥକରି ବିନ୍ଧାଣୀଙ୍କୁ ୭,୫୦୦ ଟଙ୍କା, ରିଲା ଦେହୁରୀ ଓ ସାଲଗେ ସୋରେନଙ୍କୁ ୧୦,୦୦୦ ଲେଖାଏ ସହାୟତା ଅର୍ଥରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ମାଧ୍ୟମରେ ତିଳଉ ସିଂଙ୍କୁ ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରକୁ ସାରସକଣା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ ପରିଚାଳନା କରିଥିଲେ। ଜିଲା ପ୍ରଶାସନର ସମସ୍ତ ବିଭାଗର ପଦାଧିକାରୀଙ୍କ ସହିତ ବ୍ଲକ ପ୍ରଶାସନର ସମସ୍ତ ଲାଇନ ବିଭାଗର ପଦାଧିକାରୀମାନେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରେନ୍ ଆଗକୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା

ବାରିପଦା, ୩୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଉପକଣ୍ଠ ରୁପସା–ବାଙ୍ଗିରିପୋଷି ରେଳପଥର ୪୫କି.ମି. ସ୍ଥାନ ଗୋପାଳପୁର–ରଙ୍ଗାମାଟିଆ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଛାତ୍ରୀ ମେମୁ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ତାଙ୍କ ପରିଚୟ ମିଳିନାହିଁ। ଦେଖଣାହାରୀଙ୍କ କହିବାନୁଯାୟୀ ରୂପସାରୁ ବାଙ୍ଗିରିପୋଷି ଅଭିମୁଖେ ମେମୁ ଟ୍ରେନ ଆସିବା ପୂର୍ବରୁ ଛାତ୍ରୀ ଜଣଙ୍କ ନିଜ ମୋବାଇଲରେ କାହା ସହିତ ଯୁକ୍ତିତର୍କ କରୁଥିଲେ ଏବଂ ଟ୍ରେନ ଆଗକୁ ଡେଇଁ ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ରେଳବାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶାଶୁଙ୍କୁ ପନିକିରେ ହାଣିଲେ ବୋହୂ

## ଅନ୍ଧବିଶ୍ୱାସରୁ ଅଭାବନୀୟ କାଣ୍ଡ

ଉଦଳା,୩୧।୩(ସନ୍ତୋଷ କୁମାର ବାଛିନୀ)

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବୋହୂ ପନିକିରେ ହାଣି ଶାଶୁଙ୍କୁ ଗୁରୁତର କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ତଥା ଏନ୍‌ଏସି ଅଧୀନ ୬ନଂ. ୱାର୍ଡରେ ସୋମବାର ଏଭଳି ଅଭାବନୀୟ ଘଟଣା ଘଟିଛି। ଗ୍ରାମବାସୀ ଗୁରୁତର ଅବସ୍ଥାରେ ଶାଶୁ ସାବିତ୍ରୀ ଦଣ୍ଡଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୋଲିସ ବୋହୂ ମାମି ଦଣ୍ଡଙ୍କୁ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ସନ୍ଧ୍ୟାରେ ସାବିତ୍ରୀ ଘର ବାହାରେ ବସିଥିବା ବେଳେ ଅଚାନକ ମାମି ତାଙ୍କୁ ଘର ଭିତରକୁ ଘୋଷାରି ନେଇ ପ୍ରଥମେ ଏକ ବେତବାଡ଼ିରେ ନିର୍ଘାତ ମାଡ଼ ମାରିଥିଲେ। ପରେ ଏକ ପନିକିରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ସାବିତ୍ରୀଙ୍କୁ ମାମି ପନିକିରେ ହାଣି ଚାଲିଥିବାବେଳେ ପୁଅ କୁଲୁ ଦଣ୍ଡ ଛିଡ଼ା ହୋଇ ସବୁ ଦେଖୁଥିଲେ ମଧ୍ୟ ପ୍ରତିବାଦ କରି ନ ଥିଲେ। ସାବିତ୍ରୀ ଚିତ୍କାର କରିବାରୁ ପଡ଼ୋଶୀ ଲୋକ ଆସି ତାଙ୍କୁ ଉଦ୍ଧାର କରିବା ସହିତ ପୋଲିସକୁ ଖବର ଦେଇଥିଲେ। ଶାଶୁ ଗୁଣି ଗାରେଡ଼ି କରି ଅନିଷ୍ଟ କରୁଥିବା ସନ୍ଦେହରେ ବୋହୂ ତାଙ୍କୁ ମାରି ଦେବାକୁ ଉଦ୍ୟମ କରିଥିବା ପୋଲିସ ସୂଚନା ଦେଇଛି।

# ଶିକ୍ଷକ, ଶ୍ରେଣୀଗୃହ ଅଭାବରୁ ସ୍କୁଲରେ ତାଲା

## ବାହାରେ ପଢୁଛନ୍ତି ଛାତ୍ରୀଛାତ୍ର

**ଚାନ୍ଦବାଲି, ୩୧।୩(କିଷାନ ପାତ୍ର)**

ଚାନ୍ଦବାଲି ବ୍ଲକ ଅଧୀନ ଓସ୍ତିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଓ ଶ୍ରେଣୀଗୃହ ଅଭାବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟାର ସମାଧାନ ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ମଙ୍ଗଳବାର ସ୍କୁଲରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଦୀର୍ଘଦିନ ଧରି ଶିକ୍ଷକ ଅଭାବ ଥିବାରୁ ପାଠପଢ଼ା ବ୍ୟାହତ ହୋଇଆସୁଛି। ପର୍ଯ୍ୟାପ୍ତ ଶ୍ରେଣୀଗୃହ ନ ଥିବାରୁ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଠିକ୍ ଭାବେ ପାଠ ପଢ଼ିପାରୁ ନାହାନ୍ତି। ଏହି ଅବ୍ୟବସ୍ଥାକୁ ନେଇ ଛାତ୍ରୀଛାତ୍ର ବାଧହୋଇ ବିଦ୍ୟାଳୟ ବାହାରେ ବସି ପାଠପଢୁଥିବା ଦେଖାଯାଇଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରା ନ ଯିବାରୁ ଅସନ୍ତୋଷ ବଢ଼ିଚାଲିଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ସାହୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ କହିଛନ୍ତି, ଅତିରିକ୍ତ ଶ୍ରେଣୀଗୃହ ପାଇଁ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଶୀଘ୍ର ଆଉ ଜଣେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ହେବ।

# ଅଭିଯୋଗ ପରେ ବଦଳିଲେ ସମସ୍ତ ରାଜସ୍ୱ ନିରୀକ୍ଷକ

**ଭଣ୍ଡାରିପୋଖରୀ,୩୧।୩(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ତହସିଲ ଅଧୀନ ସମସ୍ତ ୯ ରାଜସ୍ୱ ସର୍କଲ ନିରୀକ୍ଷକଙ୍କୁ ଏକକାଳୀନ ବଦଳି କରାଯାଇଛି। ଭଣ୍ଡାରିପୋଖରୀ ରାଜସ୍ୱ ସର୍କଲ ନିରୀକ୍ଷକ ଦାୟିତ୍ୱରେ ଥିବା ସୁପରଭାଇଜର ସତ୍ୟରଞ୍ଜନ ମଲ୍ଲିକଙ୍କ ନାମରେ ଅଭିଯୋଗ ଆସିବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସନ୍ଧ୍ୟାରେ ଆଦେଶ ସଂଖ୍ୟା–୧୩୯୭ ଅନୁଯାୟୀ ପଦକ୍ଷେପ ନିଆଯାଇଛି। ଜଗନ୍ନାଥପ୍ରସାଦ ସର୍କଲରେ ନିରୀକ୍ଷକ ମୀନକେତନ ଦାସ, ଭଣ୍ଡାରିପୋଖରୀରେ ନିରୀକ୍ଷକ ମଧୁସ୍ମିତା ସାହୁ, କୁଲଣାରେ ସ୍ମୃତିସରିତା ବେହେରା, ବିରୋଳିରେ ସୁବ୍ରତ କୁମାର ମଲ୍ଲିକ, ବାରିକପୁରରେ ସତ୍ୟରଞ୍ଜନ କର, ରହଣିଆରେ କୀର୍ତ୍ତିରଞ୍ଜନ ମଲ୍ଲିକ, ମଞ୍ଜୁରୀରୋଡ୍‌ରେ ଭାଗବତ ଖଟୁଆ, ସରସଦାରେ ସହକାରୀ ନିରୀକ୍ଷକ ସୁମିତ୍ରା ପଣ୍ଡା ଓ ରଣଜିତ ସର୍କଲ ନିରୀକ୍ଷକ ଦାୟିତ୍ୱରେ ସୁପରଭାଇଜର ସତ୍ୟରଞ୍ଜନ ମଲ୍ଲିକଙ୍କୁ ଅବସ୍ଥାପିତ କରାଯାଇଛି। ଏହାସହ ବିରୋଳି, ସରସଦା, କୁଲଣା, ରହଣିଆ ଓ ମଞ୍ଜୁରୀରୋଡ ସର୍କଲ ଦାୟିତ୍ୱରେ ରାଜସ୍ୱ ସୁପରଭାଇଜର ମୃତ୍ୟୁଞ୍ଜୟ ନାୟକ, ବାରିକପୁର, ରଣଜିତ, ଭଣ୍ଡାରିପୋଖରୀ ଓ ଜଗନ୍ନାଥପ୍ରସାଦ ସର୍କଲ ଦାୟିତ୍ୱରେ ସୁପରଭାଇଜର ସତ୍ୟରଞ୍ଜନ ମଲ୍ଲିକ ରହିବେ ବୋଲି ଉଲ୍ଲେଖ ରହିଛି।

# ଯୁକ୍ତିତର୍କରୁ ଛୁରାମାଡ଼: ୨ ଆହତ, ଜଣେ ଗୁରୁତର

**ବନ୍ତ,୩୧।୩(କିଶୋର କୁମାର ସେଠୀ)**

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ ସୋମବାର ଯୁକ୍ତିତର୍କରୁ ୨ ଯୁବକଙ୍କୁ ଛୁରାମାଡ଼ କରାଯାଇଛି। ଏଥିରେ ୨ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଧନୀଓଝା ଗ୍ରାମର ବାଦଲ ଯେନା, ଆପଣ୍ଡା ଗ୍ରାମର ଶୁଭଙ୍କର ମୁଖି ଏବଂ ବରକୋଣା ଗ୍ରାମର ଜଣେ ଯୁବକ ସୋମବାର ସ୍ଥାନୀୟ ଅଞ୍ଚଳରେ ଟେଣ୍ଟ କାର୍ଯ୍ୟ କରୁଥିଲେ। ଏହି ସମୟରେ କୌଣସି କାରଣରୁ ବାଦଲ ଏବଂ ଶୁଭଙ୍କରଙ୍କ ସହ ଉକ୍ତ ଯୁବକଙ୍କର ଝଗଡ଼ା ହୋଇଥିଲା। ରାତି ପ୍ରାୟ ୧୦ଟା ବେଳେ କାମ ସାରି ଘରକୁ ଫେରୁଥିବା ବେଳେ ବରକୋଣା ସ୍କୁଲ ନିକଟରେ ଉକ୍ତ ଯୁବକ ଓ ତାଙ୍କ ଗ୍ରାମର ଜଣେ ଯୁବକ ଛୁରୀରେ ବାଦଲ ଏବଂ ଶୁଭଙ୍କରଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ କୋଳିପଦି ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ବାଦଲଙ୍କ କକା ସୁବାସ ଯେନାଙ୍କ ଲିଖିତ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା (ନଂ.୧୧୮/୨୬)ରୁଜୁ ହୋଇଛି। ଅଭିଯୁକ୍ତ ୨ ଯୁବକଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଆକ୍ରମଣରେ ବ୍ୟବହୃତ ଛୁରୀ ଜବତ କରାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରିଣୀ ଅସ୍ମିତା ପ୍ରଧାନ କହିଛନ୍ତି। ଅପରାହ୍ନରେ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ବରକୋଣା ଗ୍ରାମରେ ପହଞ୍ଚି ତଦନ୍ତ କରିଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଆଗରପଡ଼ା,୩୧।୩(ସୁଶାନ୍ତ ଦାସ)**

ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ସହକାରୀ ଶିକ୍ଷକ ବିରେନ ମିଶ୍ରଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ଯେନା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଡ. ଶୁଭେନ୍ଦୁ ମିଶ୍ର, ସିଆର୍‌ସିସି ନିରଞ୍ଜନ ଖିଲାର, ସ୍କୁଲ ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବନଜିନୀ ନାୟକ, ପ୍ରମୋଦିନୀ ସାହୁ, ଶିକ୍ଷକ ଭୀମସେନ ସାହୁ ପରିଚାଳନା କରିଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ କୃଷ୍ଣଚନ୍ଦ୍ର ସାହୁ ଏବଂ ସୁଶାନ୍ତ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଏଫ୍‌ଏମ୍‌ୟୁରେ କ୍ୟାରିୟର କାଉନସେଲିଂ ପ୍ରୋଗ୍ରାମ

## ଶିକ୍ଷାଗତ, ବୃତ୍ତିଗତ ପଥ ଚୟନରେ ସକ୍ଷମ ହେବେ ଛାତ୍ରୀଛାତ୍ର

**ବାଲେଶ୍ୱର, ୩୧।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ଲେସମେଣ୍ଟ ଓ କାଉନସେଲିଂ ସେଲ୍ ପକ୍ଷରୁ ମଙ୍ଗଳବାର 'କ୍ୟାରିୟର କାଉନସେଲିଂ ପ୍ରୋଗ୍ରାମ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ଗତିଶୀଳ ବିଶ୍ୱ ଓ ପ୍ରତିଯୋଗିତାମୂଳକ ମନୋନୟନର ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ସଚେତନ, ଶିକ୍ଷାଗତ ଓ ବୃତ୍ତିଗତ ପଥ ଚୟନରେ ସକ୍ଷମ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ।

ପ୍ଲେସମେଣ୍ଟ ଓ କାଉନସେଲିଂ ସେଲ୍‌ର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ସ୍ୱାଗତ ଉଦ୍‌ବୋଧନ ଦେଇ ଉଚ୍ଚଶିକ୍ଷା, ଗବେଷଣା ଓ ଶିଳ୍ପ କ୍ଷେତ୍ରରେ ସୁଯୋଗ ସହ ଛାତ୍ରୀଛାତ୍ରଙ୍କ କ୍ଷମତାକୁ ସମନ୍ୱୟ କରିବାରେ ସଂରଚିତ କ୍ୟାରିୟର ମାର୍ଗଦର୍ଶନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଜାତୀୟ ଓ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ପ୍ରଣାଳୀରେ ବିଶ୍ୱବିଦ୍ୟାଳୟର ଭୂମିକା ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଯୋଗଦେଇ ଆନ୍ତର୍ଜାତୀୟ ଶିକ୍ଷା ଓ କୌଶଳ ବିକାଶର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷଜ୍ଞ ଭାବେ ଏଚ୍‌ଆର୍ ରିକ୍ରୁଟର ଓ କନସଲଟାଣ୍ଟ ଡ. ଅଶୋକ କୁମାର ସାହୁ ଏକ ଭିଜୁଆଲ ଉପସ୍ଥାପନ ସହ କ୍ୟାରିୟର ପରିକଳ୍ପନା, ନିଯୁକ୍ତି ଯୋଗ୍ୟତା କୌଶଳ ଓ ଶିକ୍ଷାଗତ ଜ୍ଞାନ ସହିତ ପ୍ରାୟୋଗିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରଶ୍ନୋତ୍ତର ସତ୍ର କାର୍ଯ୍ୟକ୍ରମରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ଲେସମେଣ୍ଟ ଓ କାଉନସେଲିଂ ସେଲ୍‌ର ଉପନିର୍ଦ୍ଦେଶକ ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଅଶାନ୍ତ ରଞ୍ଜନ ରାଉତରାୟ ଓ ଡ. ଦେବଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅତିଥିଗଣ।

# ୯ଜଣଙ୍କୁ କାୟାକଳ୍ପ ପୁରସ୍କାର

## ଜନ ଆରୋଗ୍ୟ ସମିତି ବୈଠକ

**ବାଲିଆପାଳ, ୩୧।୩(ରାଜଶ୍ରୀ ପାଣିଗ୍ରାହୀ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲିଆପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ପ୍ରୀତମ ସାହୁ, ଜିଲାପରିଷଦ ସଭ୍ୟା କାଞ୍ଚନବାଳା ଜେନା, କୁମ୍ଭାରୀ ସରପଞ୍ଚ ପଙ୍କଜିନୀ ମହାପାତ୍ର, ବିଜୟ ଦେ, ଯୁଗଳ ପାତ୍ର, ସଚିତାନନ୍ଦ ଜେନା, ସାମାଜିକ କର୍ମୀ ସୁନୀଲ ଜେନା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ସରକାରୀ ଅନୁଦାନର ଆୟ ବ୍ୟୟ ଉପରେ ଆଲୋଚନା କରିଥିଲେ। ଡ. ଅଲିଭା ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରମୋଦ କୁମାର ଦାସ ପରିଚାଳନା କରିଥିଲେ। ଫାର୍ମାସିଷ୍ଟ ପରେମେଶ୍ୱର ସିଂ, ସୁଶାନ୍ତ ଜେନା, ଗୁରୁ ପ୍ରସାଦ ପାତ୍ର, ଅଶୋକ ଜେନା, ଶତାବ୍ଦୀ ମହାପାତ୍ର ସହଯୋଗ କରିଥିଲେ। ଏହି ଅବସରରେ ୯ଜଣଙ୍କୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟାର୍ଗେଟ ଆସିବା ପରେ ତାଲା ଖୋଲିଲେ ଗ୍ରାମବାସୀ

**ଖଇରା, ୩୧।୩(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ସେବା ସମବାୟ ସମିତିରେ ଟାର୍ଗେଟ ନ ଆସିବା ପ୍ରତିବାଦରେ ଶତାଧିକ ଚାଷୀ ସମିତି କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ଖଇରା ପୋଲିସର ଆଲୋଚନା ପରେ ଯୋଗାଣ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ଜିଲା ଯୋଗାଣ ବିଭାଗ ସମିତିକୁ ୧ହଜାର କୁଇଣ୍ଟାଲ ଟାର୍ଗେଟ ପ୍ରଦାନ କରିବା ପରେ ଚାଷୀ ତାଲା ଖୋଲିବାକୁ ପୋଲିସକୁ ଛାଡିଥିଲେ।

# ସରଶଙ୍ଖ ତାରିଣୀ ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ

**ସୋର, ୩୧।୩(ଜନ୍ମେଜୟ ମିଶ୍ର):** ସୋର ବ୍ଲକ ସରଶଙ୍ଖସ୍ଥିତ ମା' ତାରିଣୀ ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ଅଧିବାସ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ୫୧ଟି କଳସ ଶୋଭାଯାତ୍ରାରେ ଆସି ମନ୍ଦିର ନିକଟରେ ପହଞ୍ଚି ଥିଲା। ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଆଚାର୍ଯ୍ୟ ନୃସିଂହ ଚରଣ ମିଶ୍ରଙ୍କ ଦ୍ୱାରା ବାସ୍ତୁପୂଜା, ସୂର୍ଯ୍ୟପୂଜା, ଗଣପତି ପୂଜା, ବିଷ୍ଣୁପୂଜା ଆଦି କାର୍ଯ୍ୟକ୍ରମ ପରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁସ୍ତକ ଆଚାର୍ଯ୍ୟ କୌସ୍ତୁଭ ଭୂଷଣ ମିଶ୍ର, ବେଣୁଧର ମିଶ୍ର, ଦୀନବନ୍ଧୁ ପଣ୍ଡା, ବାସ୍ତୁ ପୂଜକ ମନ୍ମଥ ମିଶ୍ର, ଗଣପତି ପୂଜକ ଦିବାକର ପଣ୍ଡା, ବିଷ୍ଣୁ ପୂଜକ ଜନାର୍ଦ୍ଦନ ପଣ୍ଡା, ଦେବୀ ପୂଜକ ବିଶ୍ୱନାଥ ମିଶ୍ର ଏବଂ ନୀତି ପୂଜକ ପରେଶ କୁମାର ମିଶ୍ର, ସୁରେଶ ମିଶ୍ର, ହୃଷିକେଶ ମିଶ୍ର ଏବଂ ପ୍ରଶାନ୍ତ କୁମାର ମିଶ୍ର ସହଯୋଗ କରିଥିଲେ। ଏହି ଯଜ୍ଞରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।









# ଭିନ୍ନକ୍ଷମ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା

**ଚମ୍ପୁଆ,୩୧।୩(ମହେଶ୍ୱର ଦାସ)**

ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଖେଳପଡ଼ିଆଠାରେ ବ୍ଲକସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ଓ ସଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ସମ୍ମାନୀତ ଅତିଥି ଭାବେ ଏବିଡିଓ ଚୁନୁ ହାଁସଦା, ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ନାଏକ, ଜିଲା ପରିଷଦ ସଭ୍ୟା ରମଣୀ ନାଏକ, ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଅତିଥି ଅଧିକାରୀ ଓ କ୍ରୀଡ଼ାବିତଙ୍କ ଦ୍ୱାରା ଶପଥପାଠ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରାବଣୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଚମ୍ପୁଆ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟର ୯୫ ଜଣ ପ୍ରତିଯୋଗୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ୨ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଶେଷ ଭାବରେ ହୁଇଲ ଚେୟାର ଦୌଡ଼, ୧୦୦ମିଟର ଦୌଡ଼, ବାଲାନ୍ସ ରେସ, ପାଦଚଲା ପ୍ରତିଯୋଗିତା, ବଲଫିଙ୍ଗା, ଲମ୍ବଡିଆଁ, ସଟପୁଟ ଥ୍ରୋ, ନାଚ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶେଷ ଭାବେ ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଶ୍ରବଣ ବାଧିତ ଓ ଶାରିରିକ ଅକ୍ଷମ ଛାତ୍ରଛାତୀ ଭାଗ ନେଇଥିବା ବେଳେ ଖେଳଶିକ୍ଷକ ଭାବରେ କେଶବଚନ୍ଦ୍ର ମହାନ୍ତ, ରତିକାନ୍ତ ବାରିକ, ପ୍ରିୟମ୍ବଦା ମହାନ୍ତ, ସୌଭାଗିନି ନାୟକ, ଗଣେଶର କିସକୁ,ତୋଫାନ ସାହା, ଦିଲୀପ କୁମାର ନାଏକ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଶେଷରେ କୃତି ପ୍ରତିଯୋଗିଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# ଆଜି ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଗ୍ରାମସଭା

**ପାଟଣା,୩୧।୩(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ବୁଧବାର ଅଙ୍ଗିକଳାରେ ଗ୍ରାମସଭା ଅନୁଷ୍ଠିତ ହେବ। ଚେମଣା ଗ୍ରାମ ପଞ୍ଚାୟତ ଅଙ୍ଗିକଳା ଗାଁ ସ୍କୁଲ ନିକଟରେ ଥିବା ପଡ଼ିଆଠାରେ ଅନୁଷ୍ଠିତ ହେବ ପଞ୍ଚମ ଗ୍ରାମସଭା। ପୂର୍ବାହ୍ନ ୧୦ଟାରେ ଗ୍ରାମସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଗାଁର ମୋଟ ଏ ୨୨୦.୮୭୫ ଡିସମିଲ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଏହି ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯିବ। ଏହି ଗ୍ରାମସଭାରେ ପାଟଣା ବ୍ଲକର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ପାଟଣା ବିଡିଓ ମାନସ ଦଣ୍ଡପାଟ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମସଭା ଶୃଙ୍ଖଳିତ ଭାବେ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି। ଗତ ଡିସେମ୍ବର ୧୨ ତାରିଖରେ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶି ଠାରେ ପ୍ରଥମ ଗ୍ରାମସଭା ଶେଷ ହୋଇଥିବା ବେଳେ, ଦ୍ୱିତୀୟ ଗ୍ରାମସଭା ଜାନୁଆରୀ ୨୦ ତାରିଖରେ ବାରଡାଙ୍ଗୁଆ ଗ୍ରାମରେ ଏବଂ ଫେବୃଆରୀ ୨୦ ତାରିଖରେ ୩ୟ ଗ୍ରାମସଭା ରେଙ୍ଗାଳବେଡାଠାରେ ଓ ମାର୍ଚ୍ଚ ୨୦ ତାରିଖରେ ଧନୁର୍ଜୟପୁରଠାରେ ଚତୁର୍ଥ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା।

# ଶାଳୀ ଘରେ ନିଆଁ ଲଗାଇଲେ ଭିଣୋଇ

**ପାଟଣା,୩୧।୩(ବୀର କିଶୋର ଦାଶ)**

ଧାର ଟଙ୍କା ନ ଦେବାରୁ ଶାଳୀ ଘରେ ଭିଣୋଇ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା କିଆପଡ଼ା ଗାଁରେ ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସୂଚନାଯୋଗ୍ୟ, ସଦର ଥାନା ସଦରପଡ଼ା ଗାଁର ଦେବ ମୁଣ୍ଡା କିଆପଡ଼ା ଗାଁର ଶାଳୀ ମଙ୍ଗୁଳି କାରୁଆଙ୍କ ଘରକୁ ଆସି ୧୦ହଜାର ଟଙ୍କା ଧାର ମାଗିଥିଲେ। ମଙ୍ଗୁଳି ଅଭାବରେ ଥିବାରୁ ଟଙ୍କା ଦେଇପାରିବେ ନାହିଁ ବୋଲି ଭିଣୋଇଙ୍କୁ ମନା କରି ଦେଇଥିଲେ। ଏଥିରେ ଦେବ ନିଜକୁ ଅପମାନିତ ମନେକରି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଶାଳୀଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ସ୍ୱାମୀ ଗୋକୁଳ କାରୁଆ ଏବଂ ୨ ପିଲାଙ୍କ ସହ ମଙ୍ଗୁଳି ଘରେ ଶୋଇଥିବା ବେଳେ ଦେବ ତାଙ୍କ ଖପର ଘରେ ନିଆଁ ଲଗାଇ ଦୌଡ଼ି ପଳାଇଥିଲେ। ପରେ ଗାଁ ଲୋକ ଆସି ନିଆଁ ଲିଭାଇଥିଲେ। ନିଆଁ ଲାଗି ଖପର ଘର ସହ ଆସବାବପତ୍ର, କାଗଜ ପତ୍ର, ନଗଦ ଟଙ୍କା ପୋଡ଼ି ଯାଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୮୩/୨୬) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ଦେବ ଫେରାର ହୋଇ ଯାଇଥିବା ତୁରୁମୁଙ୍ଗା ଥାନା ଏସ୍‌ଆଇ ସୁରେଶ ସାହୁ କହିଛନ୍ତି।

# ଅଗ୍ନିଶମ ବିଭାଗର ମକଡ୍ରିଲ୍

**ରାଇରଙ୍ଗପୁର,୩୧।୩ (ମାନସ ମହାନ୍ତି)**

ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ଅଗ୍ନି ନିରାକରଣ ସଚେତନତା ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ହସ୍ପିଟାଲ ପରିସରରେ ଥିବା ବିଭିନ୍ନ ଗୃହ ଗୁଡିକରେ ଗ୍ୟାସ କିମ୍ବା ଅନ୍ୟ କୌଣସି କାରଣ ଜନିତ ନିଆଁ ଲାଗିଲେ ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷ ପହଞ୍ଚିବା ପୂର୍ବରୁ ପ୍ରଥମେ ହସ୍ପିଟାଲ କାର୍ଯ୍ୟରତ କର୍ମଚାରୀ ନିଆଁକୁ କିପରି ଆୟତ୍ତ କରିବେ ସେନେଇ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ମକଡ୍ରିଲ ମାଧ୍ୟମରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ହସ୍ପିଟାଲର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗୀୟ ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ବିଭାଗର ରଞ୍ଜନ କୁମାର ନାଏକ, ପ୍ରମୋଦ ଲାକ୍ରା, ବୀରେନ୍ଦ୍ର ହାଁସଦା ଏବଂ ନରେନ୍ଦ୍ର କୁମାର ନାଏକ ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

# ମା’ ମଙ୍ଗଳାଙ୍କ ବାର୍ଷିକ ପୂଜା

**ଗୋପବନ୍ଧୁ ନଗର,୩୧।୩(ଶାନ୍ତନୁ କୁମାର ମଝୁଆଳ)**

ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟାସ୍ଥିତ ସୁରୁକୁନାଠାରେ ମ’ମଙ୍ଗଳାଙ୍କ ୫୧ତମ ବାର୍ଷିକ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୂଜା ପାଠ, ଚଣ୍ଡୀପାଠ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ହରିଶ ମିଶ୍ର ଓ ଜ୍ୟୋତି ଶଙ୍କର କର ପ୍ରମୁଖ ପୂଜା ପାଠ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସ୍ଥାନୀୟ ହାଟ ପୋଖରୀରୁ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଦେବୀଙ୍କ ପୀଠରେ ପହଞ୍ଚିଥିଲା।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଉପସ୍ଥିତ ଅତିଥିମାନେ।

**ବାରିପଦା,୩୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ଏବଂ ବାରିପଦା ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ ଭବନରେ ଅନୁଷ୍ଠିତ ରକ୍ତଦାନ ଶିବିର ମାଧ୍ୟମରେ ‘ସଡ଼କ ନିରାପତ୍ତା ସଚେତନତା ଅଭିଯାନ’ ପାଳିତ ହୋଇଯାଇଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଏବଂ ବାରିପଦା ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି ଓ ସାମାଜିକ କର୍ମୀ ଚନ୍ଦନ ଶେଜପତା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ଶିବିରରେ ବାରିପଦା ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପରିବହନ କାର୍ଯ୍ୟାଳୟ ତରଫରୁ ମଟର ଯାନ ଯାଞ୍ଚକାରୀ ଅଧିକାରୀ ସାଲଖୁ ମୁର୍ମୁ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ସୌମ୍ୟ ପ୍ରକାଶ ଭୋଇ, କନିଷ୍ଠ ମଟରଯାନ ଯାଞ୍ଚକାରୀ ଅଧିକାରୀ ସୁପ୍ରିୟା ପ୍ରିୟଦର୍ଶିନୀ ଏବଂ ରୋଟାରୀ କ୍ଲବ ତରଫରୁ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ପୂର୍ବତନ ସଭାପତି ସନ୍ଦୀପ କୁମାର ଚାନ୍ଦ, ଡ..ପୁଷ୍ପା ପାତ୍ର, ସୁନୀତ ପୁରୀ, ସରୋଜ କୁମାର ଦାଶ ଏବଂ ସଦସ୍ୟା ପ୍ରୀତିସୁଦ୍ଧା ତ୍ରିପାଠୀ ଓ ରାଜଲକ୍ଷ୍ମୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଉକ୍ତ ଶିବିର ମାଧ୍ୟମରେ ‘ସୁରକ୍ଷା,ପରିବାର ରକ୍ଷା’ର ବାର୍ତ୍ତା ପ୍ରଦାନ କରାଯାଇଥିଲା।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ଛୁରାମାଡ଼ ଘଟଣାର ଅଭିଯୁକ୍ତ ଗିରଫ

**ଠାକୁରମୁଣ୍ଡା,୩୧।୩(ତାରାକାନ୍ତ ପଟ୍ଟନାୟକ):** ଠାକୁରମୁଣ୍ଡା ଥାନା ଅଧୀନ ଜୁଡାମ୍ବ ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅବସରପ୍ରାପ୍ତ ଶିକ୍ଷକ ଭକ୍ତ ଚରଣ ମହାନ୍ତଙ୍କୁ ଛୁରିରେ ଆକ୍ରମଣ କରି ଗୁରୁତର କରିଥିବା ସେହି ଗ୍ରାମରେ ଘର ଭଡା ନେଇ ରହୁଥିବା ଗୁଣ୍ଡା ହୋଙ୍କୁ ଠାକୁରମୁଣ୍ଡା ଥାନା ପୋଲିସ ଗିରଫ କରିଛି। ଜମିବାଡ଼ିକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡ଼ିଛି। ମହୁଲଡିହା ଥାନା ଅନ୍ତର୍ଗତ ଘଣ୍ଟିଆଦର ଗ୍ରାମର ଗୁଣ୍ଡା ହୋ ଅବସରପ୍ରାପ୍ତ ଶିକ୍ଷକଙ୍କ ବେକକୁ ଛୁରିରେ ଆକ୍ରମଣ କରିବାରୁ ତାଙ୍କ ବେକରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରଙ୍କ ସ୍ତ୍ରୀ ନିର୍ମାଣ ମହାନ୍ତଙ୍କ ଲିଖିତ ଅଭିଯୋଗ ପରେ ଠାକୁରମୁଣ୍ଡା ଥାନା ଏଏସ୍‌ଆଇ ଅନିତା ସ୍ୱାଇଁ ଓ ତାଙ୍କ କର୍ମଚାରୀଙ୍କ ସହଯୋଗରେ ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରଛନ୍ତି।ଏନେଇ ଥାନାରେ ଏକ ମାମଲା(ନଂ.୩୬/୨୬) ରୁଜୁ ହୋଇଛି।

# ଚାଲାଣ ବେଳେ ୮ ଗୋରୁ ଉଦ୍ଧାର:୨ ଅଟକ

**ଝାରପୋଖରିଆ,୩୧।୩(ସୁଧୀର କୁମାର ମହାନ୍ତ)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଦିଘି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗକୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣବେଳେ ପୋଲିସ ୮ ଗୋରୁ ଜବତ କରିଛି। ଦିଘି ଗ୍ରାମର ଜନସାଧାରଣ ଉକ୍ତ ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ ଝାରପୋଖରିଆ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ିଟିକୁ ଜବତ କରି ଥାନାକୁ ଆଣିବା ସହିତ ସେଥିରେ ଥିବା ୮ଟି ଗୋରୁକୁ ଉଦ୍ଧାର କରିଛି। ଏଥିସହିତ ୨ ଜଣକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।









